# Akashvani, Sambalpur

## SAMBALPURI NEWS EVENING BULLETIN

## 11 May 2024- 7.02 pm- 7.12 pm.

*******************************************

୧- ବରିଷ୍ଠ ବିଜେପି ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବର୍‌ଗଡ୍, ବଲାଙ୍ଗିର୍ ଆର୍ ଫୁଲ୍‌ବାଣୀ ନ ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି କଲେ ପ୍ରଚାର୍ ।

୨- ରାଏଜେ ଆଏବା ସୋମ୍‌ବାର୍ କଲାହାଣ୍ଡି, ନବରଙ୍ଗ୍‌ପୁର୍, କୋରାପୁଟ୍ ଆର୍ ବ୍ରହ୍ମପୁର୍ ସଂସଦୀୟ କ୍ଷେତ୍ର ନ ହେବା ଭୋଟ୍ ।

୩- ହାଇକୋର୍ଟ ସହେତେ ରାଜ୍ୟର୍ ସବୁ ଅଦାଲତ୍ ନ ଆଏଜ୍ ହେଇଛେ ଇ ବଛରର୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

ଆଉର୍

୪- ଆଏଜ୍ ହେଉଛେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ- ବର୍‌ଗଡ୍, ବଲାଙ୍ଗିର,କନ୍ଧମାଲ୍ ଆର୍‌ଏନ୍‌ୟୁ/ କଟକ୍

ବରିଷ୍ଠ ବିଜେପି ନେତା ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବର୍‌ଗଡ୍, ବଲାଙ୍ଗିର୍ ଆର୍ ଫୁଲ୍‌ବାଣୀ ନ ହେଇଥିବା

ନିର୍ବାଚନୀ ସମାବେଶ୍‌ଥି ଯୋଗ୍ ଦେଇକରି ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଛନ୍ । ବର୍‌ଗଡ୍‌ର ବିକାଶ୍ ଭିନ୍‌ଟେଜ୍ ପଡ଼ିଆ ନ ହେଇଥିବା ନିର୍ବାଚନୀ ସଭାକେ ସମ୍ବୋଧିତ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ରାଏଜେ ସର୍‌କାର୍ ବଦ୍‌ଲାବାର୍ ସମିଆ ଆସିଯାଇଛେ । ରାଜ୍ୟକେ ବିକାଶ୍‌ର ବାଟେ ନେବାର୍‌କେ ହେଲେ ଡବଲ୍ ଇଞ୍ଜିନ୍ ସର୍‌କାର୍ ଦର୍‌କାର୍ ଅଛେ । ଖୋବ୍ କ୍ଷେତ୍ର ନ ରାଜ୍ୟ ସର୍‌କାର୍ ବିଫଲ୍ ହେଇଛନ୍ ବଲି ଅଭିଯୋଗ୍ କର୍‌ବାର୍ ସଙ୍ଗେ ଭାରତୀୟ ଜନତା ପାର୍ଟିର୍ ପାର୍ଥୀ ମାନ୍‌କୁ ସମର୍ଥନ୍ କର୍‌ବାର୍‌କେ ଶ୍ରୀ ମୋଦୀ ଲୁକ୍‌କୁ ଆହ୍ୱାନ୍ କରିଛନ୍ ।

ବଲାଙ୍ଗିରର୍ ପଥର୍‌ଚେପା ପଡ଼ିଆ ନ ହେଇଥିବା ନିର୍ବାଚନୀ ସଭାଥି ପ୍ରଧାନ୍‌ମନ୍ତ୍ରୀ ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଖୁଲ୍‌ବାର୍‌ଥି ରାଜ୍ୟ ସର୍‌କାର୍‌ଙ୍କର୍ ଟାଳଟୁଳ ନୀତିକେ ସମାଲୋଚନା କରିକରି କହିଛନ୍ ...

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଫୁଲ୍‌ବାଣୀ ଷ୍ଟାଡ଼ିୟମ୍ ନ ହେଇଥିବା ବିଜୟ ସଂକଳ୍ପ ସମାବେଶ୍‌ଥି ଶ୍ରୀ ମୋଦୀ କନ୍ଧମାଲ୍‌ର ଚାଷୀମାନ୍‌କର୍ ଲାଭ୍ ଲାଗି ହଲ୍‌ଦି ମିଶନ୍ ଆର୍ ମସ୍‌ଲା ଉତ୍ପାଦନ୍ କମ୍ପାନୀ ଥାପ୍‌ନା କରାଯିବା ବଲି କହିଛନ୍ । ସେ କହିଥିଲେ ଯେ, କନ୍ଧମାଲ୍‌କେ ଆକାଂକ୍ଷା ଜିଲ୍ଲା ଯୋଜ୍‌ନାଥି ଅଏତ୍‌କା ଆର୍ଥିକ୍ ସାହାଜ୍ ଦିଆଯାଇଛେ । ବୃତଙ୍ଗ ଜଲ୍‌ଭଣ୍ଡାର୍ ଆର୍ ମହାନଦୀନୁ ପିଇବାର୍ ପାଏନ୍ ଯୁଗାବାର୍ ହର୍‌ଘର୍ ନଲ୍ ଯୋଜ୍‌ନା ମୁଲ୍

ହେଇଛେ ହେଲେ ବିକାଶ୍ ଲାଗି ଆହୁରି ଭିଲ୍ ପଦକ୍ଷେପ୍ ନେବାର୍ ଦର୍କାର୍ ଅଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଲୋକ୍‌ସଭା ନିର୍ବାଚନ୍          ଆର୍‌ଏନ୍‌ୟୁ /  ସମ୍ବଲପୁର

ଦେଶର୍ ୪ ନମ୍ବର୍ ଆର୍ ଓଡ଼ିଶାର୍ ପହେଲା ଖେପ୍ ନିର୍ବାଚନ୍‌ର ଭୋଟ୍ ଆଏବା ୧୩ ତାରିଖ୍ ସୋମ୍‌ବାର୍ ଦିନ ହେବା । ହେଥିର୍‌ଲାଗି ଆଏଜ୍ ଉପର୍‌ବେଲା ୫ ବଜେ ପ୍ରଚାର୍ କାମ୍ ସରିଛେ । ଇ ଖେପ୍‌ଥି ରାଜ୍ୟର୍ କଲାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା ଆସନ୍ ଆଉ ହେତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଚାର୍‌ହି ଲୋକ୍‌ସଭା ଆସନ୍ ଲାଗି ୭ ଝନ୍ ମହିଲାଙ୍କର୍ ସହେତେ ମୋଟ୍ ୩୭ ଝନ୍ ପ୍ରାର୍ଥୀ ଆଉ ଇତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ୨୯ ଝନ୍ ମହିଲାଙ୍କର୍ ସହେତେ ମୋଟ୍ ୨ ଶହ ୪୩ ଝନ୍ ପ୍ରାର୍ଥୀ ରହିଛନ୍ । କଲାହାଣ୍ଡି, କୋରାପୁଟ୍ ଆର୍ ବ୍ରହ୍ମପୁର୍ ଲୋକ୍‌ସଭା ଆସନ୍ ଲାଗି ୧୧ ଝନ୍ ଲେଖା ଆର୍ ନବରଙ୍ଗ୍‌ପୁର୍ ଆସନ୍ ଲାଗି ୪ ଝନ୍ ପ୍ରାର୍ଥୀ ଅଛନ୍ । ସେନ୍ତା ବିଧାନ୍‌ସଭା ଆସନ୍ ମାନ୍‌କର୍ ଭିତ୍‌ରୁ ବ୍ରହ୍ମପୁର୍ ନ ସବୁନୁ ଅଏତ୍‌କା ୧୭ ଝନ୍ ପ୍ରାର୍ଥୀ ଥିବାର୍ ବେଲେ ଝରିଗାଁ, ନବରଙ୍ଗ୍‌ପୁର୍ ଆର୍ ଡାବୁଗାଁ ନ ସବୁନୁ କମ୍ ୩ ଝନ୍

ଲେଖା ପ୍ରାର୍ଥୀ ଅଛନ୍ । ଓଡ଼ିଶାର୍ ଇ ପହେଲା ଖେପର୍ ଭୋଟ୍‌ଥି ମୋଟ୍ ୬୨ ଲାଖ୍ ୮୭ ହଜାର୍ ୨ ଶହ ୨୨ ଝନ୍ ଭୋଟର୍ ଥିବାର୍ ବେଲେ ପୁରୁଷଙ୍କର୍ ଠାନୁ ମହିଲା ଭୋଟର୍‌ଙ୍କର୍ ସଂଖ୍ୟା ଲାଖେନୁ ଅଏତ୍‌କା ଆଏ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତରଫୁ ସୂଚ୍‌ନା ଦିଆଯାଇଛେ ।

ସେଆଡ଼େ ଦେଶର୍ ୫ ନମ୍ବର୍ ଖେପ୍ ଆର୍ ଓଡ଼ିଶାର୍ ୨ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ବୈଧ ପ୍ରାର୍ଥୀ ତାଲିକା ବାହାରିଛେ । ଇ ଖେପେ ରାଜ୍ୟର୍ ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ଲୋକ୍‌ସଭା ଆସନ୍ ସଙ୍ଗେ ହେତାର୍ ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍‌ର ନିର୍ବାଚନ୍ ହେବା । ଇଥି ଲୋକ୍‌ସଭା ଆସନ୍‌ଥି ୪୦ ଝନ୍ ଆଉ ବିଧାନ୍‌ସଭା ଆସନ୍ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ରହିଛନ୍ । ଲୋକ୍‌ସଭା ଆସନ୍ ମାନ୍‌କର୍ ଭିତ୍‌ରୁ ବଲାଙ୍ଗିର୍ ନ ସବୁନୁ ଅଏତ୍‌କା ୧୦ ଝନ୍ ପ୍ରାର୍ଥୀ ଥିବାର୍ ବେଲେ ସୁନ୍ଦର୍‌ଗଡ଼୍ ଆର୍ କନ୍ଧମାଲ୍ ନ ୮ ଝନ୍ ଲେଖା ଆର୍ ବର୍‌ଗଡ଼୍ ଆର୍ ଆସ୍କା ନ ୭ ଝନ୍ ଲେଖା ପ୍ରାର୍ଥୀ ଅଛନ୍ । ଇ ଖେପର୍ ଭୋଟ୍ ଆଏବା ୨୦ ତାରିଖ୍ ଦିନ ହେବା ।

ନୂଆପଡ଼ା-ଛତିଶ୍‌ଗଡ଼୍ ମୁଖ୍ୟମନ୍ତ୍ରୀ ନୂଆପଡ଼ା ସମ୍ବାଦଦାତା

ଛତିଶ୍‌ଗଡ଼୍‌ର ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଆଏଜ୍ ନୂଆପଡ଼ା ପୁଲିସ୍ ପଡ଼ିଆ ନ ଗୁଟେ ନିର୍ବାଚନୀ ସଭାଥି ଯୋଗ୍

ଦେଇକରି ଭାରତୀୟ ଜନତା ପାର୍ଟିର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଛନ୍ । ଡବଲ୍ ଇଞ୍ଜିନ୍ ସର୍‌କାର୍ ହେଲେ ବିକାଶ୍ ଦୁଇଗୁନା ହେବା ବଲି ଶ୍ରୀ ସାଏ କହିଛନ୍ ।

ରଥଖଲା      ଆର୍‌ଏନ୍‌ୟୁ/ କଟକ୍

ପୁରୀ ନ ମାହାପୁରୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ଲାଗି ରଥ ତିଆର୍‌ବାର୍‌କେ ବଡ଼ଦାଣ୍ଡ ନ ଥିବା ରଥଖଲା ଗହଲ୍‌ଚହଲ୍ ହେଇଛେ । ଭୋଇ ସେବାୟତ୍‌ମାନେ ରଥଖଲା ନ ଦର୍‌କାରୀ କାଠ୍ ପୁହୁଁଚେଇଛନ୍ । ପହେଲା ଖେପେ ତିନ୍‌ହି ରଥର ୪୨ ଟା ଚକା ଲାଗି 'ତୁମ୍ବ' ତିଆର୍ କାମ୍ ମୁଲ୍ ହେଇଛେ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍      ବୌଦ୍ଧ, ସମ୍ବଲ୍‌ପୁର୍ ସମ୍ବାଦଦାତା

ହାଇକୋର୍ଟ ସହେତେ ରାଜ୍ୟର୍ ଭିନ୍ ଭିନ୍ ଅଦାଲତ୍ ମାନ୍‌କୁ ଆଏଜ୍ ଇ ବଛ୍‌ରର୍ ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଯାଇଛେ । ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଓଡ଼ିଶା ହାଇକୋର୍ଟ ସହେତେ ଭିନ୍ ଭିନ୍ ଅଦାଲତ୍ ମାନ୍‌କେ ପାଖାପାଖି ଦେଢ଼୍ ଲାଖ୍ ନୁ ଅଏତ୍‌କା

ମାମ୍‌ଲା ଲୋକ୍ ଅଦାଲତ୍‌ଥି ଶୁଣାଣି ଲାଗି ତାଲିକାଭୁକ୍ତ କରାଯାଇଥିଲା ।

ସମ୍ବଲ୍‌ପୁର୍ ନ ଜିଲ୍ଲା କୋର୍ଟ ପରିସର୍ ସହେତେ କୁଚିଣ୍ଡା ଆଉ ରେଢ଼ାଖୋଲ୍ ନ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେଇଥିଲା । ସମ୍ବଲ୍‌ପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ଅଧ୍ୟକ୍ଷ ଆର୍ ଜିଲ୍ଲା ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର୍ ନାଏକ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଲୋକ୍ ଅଦାଲତ୍‌ଥି ୯ ଟା ମଟର୍ ଗାଡ଼ି ଦୁର୍ଘଟଣା, ୩୦ ଟା ପାରିବାରିକ୍, ୫୦ ଟା ଦେଓ୍ୱାନୀ, ୩ ଶହ ୮୭ ଟା ଫୌଜଦାରୀ ମାମ୍‌ଲା ସହେତେ ମୋଟ୍ ୫ ହଜାର୍ ୮ ଶହ ୭୭ ଟା ମାମ୍‌ଲାର୍ ଫଏସଲା କରାଯାଇଥିଲା ।

ବୌଦ୍ଧ ନ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ଅଧ୍ୟକ୍ଷ ଆଉର୍ ଜିଲ୍ଲା ଦୌରାଜଜ୍ ବିକ୍ରମ୍ କୁମାର୍ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଥିଲା । ସେଥି ୬୧ ଟା ମଟର୍ ଦୁର୍ଘଟଣା, ପାରିବାରିକ୍, ଦେଓ୍ୱାନୀ ଆଉ ଗ୍ରାହକ୍ ଝମେଲା ବାଗିର୍ ମାମ୍‌ଲା ସହେତେ ୯ ଟା ବେଙ୍କ୍ ପ୍ରାକ୍ ମକଦ୍ଦମା ମାମ୍‌ଲାର୍ ବିଚାର୍ କରାଯାଇକରି ୧୭ ଲାଖ୍ ୨୮ ହଜାର୍ ୫ ଶହ ୩ ଟଙ୍କା ଆଦାୟ କରାଯାଇଛେ ।

ବଲାଙ୍ଗିର୍ ସହେତେ ଜିଲ୍ଲାର୍ ସବୁ ଅଦାଲତ୍ ମାନ୍‌କୁ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଥିଲା । ଜିଲ୍ଲା ଦୌରା ଜଜ୍ ଆଉ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍‌ର ଅଧ୍ୟକ୍ଷ ବିକ୍ରମ୍ କେଶରୀ ପଟ୍ଟନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଲୋକ୍‌ଅଦାଲତ୍‌ଥି ୩୧

ଟା ଦେଓ୍ୱାନୀ ମାମ୍ଲାର୍ ଫଏସଲା କରାଯାଇଥିଲା । ଇତାର୍ସଙ୍ଗେ ୭ ଟା ମଟର୍ ଦୁର୍ଘଟଣା ମାମ୍ଲାର୍ ପଏସଲା କରାଯାଇକରି ୨୬ ଲାଖ୍ ୪୫ ହଜାର୍ ଟଙ୍କା ଭର୍ନା ବାବଦ୍ ଆଦେଶ୍ ଦିଆଯାଇଥିଲା । ୩ ଶହ ୭ ଟା ଫୌଜଦାରୀ ମାମ୍ଲାଥି ୧୬ ଲାଖ୍ ୫୫ ହଜାର୍ ୩ ଶହ ୭ ଟଙ୍କା ଜରିମାନା ଆଦାୟ ହେଇଥିଲା ।

ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ ଆର୍ଏନ୍ୟୁ/ କଟକ୍

ଆଏଜ୍ ହେଉଛେ ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ୍ । ୧୯୯୮ ମସିହା ମେ ମାସର୍ ଆଝିର୍ ଦିନେ ସେବେଲର୍ ପ୍ରଧାନ୍ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ନେତୃତ୍ୱଥି ଭାରତ୍ ତର୍ଫୁ ରାଜସ୍ଥାନ୍ର ପୋଖରାନ୍ ଠାନେ ସଫଲତାର୍ ସହେତେ ପରମାଣୁ ପରୀକ୍ଷା କରାଯାଇଥିଲା । ହେଥିର୍ଲାଗି ଭାରତ୍ର ଇ ସାହାସ୍କେ ବିଶ୍ୱ ଦର୍ବାର୍ ନ ପୁହୁଁଚାବାର୍ ଲାଗି ଫି ବଛର୍ ଆଝିର୍ ଦିନ୍କେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ଆଝିର୍ ଦିନେ ପ୍ରଯୁକ୍ତି ବିଦ୍ୟା ସଂସ୍ଥା ଆଉ ବୈଜ୍ଞାନିକ୍ ମାନ୍କୁ ରାଷ୍ଟ୍ରୀୟ ବିଜ୍ଞାନ୍ ପୁରସ୍କାର୍ ଆଉ ଜାତୀୟ ପ୍ରଯୁକ୍ତି ପୁରସ୍କାର୍ ଦିଆଯାଉଛେ । ରାଜ୍ୟପାଲ୍ ରଘୁବର୍ ଦାସ ପ୍ରଯୁକ୍ତି ବିଦ୍ୟା ଦିବସ୍

ଅବ୍‌ସରେ ବୈଜ୍ଞାନିକ୍, ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଆର୍ ରାଜ୍ୟବାସୀଙ୍କୁ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଶୁଭେଚ୍ଛା ଜନେଇଛନ୍ । ଆଝିର୍ ଦିନେ ପରମାଣୁ ପରୀକ୍ଷଣ୍ କରିକରି ଭାରତ୍ ବିଶ୍ୱଥି ନିଜ୍‌କୁ ଗୁଟେ ସଶକ୍ତ ରାଷ୍ଟ୍ର ଭାବେ ଜାହିର୍ କରିପାରିଛେ ବଲି ରାଜ୍ୟପାଲ୍ ତାଙ୍କର୍ ବାର୍ତାଥି କହିଛନ୍ ।
ସେନ୍ତା ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଲ୍ ତାଙ୍କର୍ ବାର୍ତାଥି ସମ୍‌କିରିର୍ ପ୍ରଗତି ଆର୍ ସମୃଦ୍ଧି କାମନା କରିଛନ୍ ।

କଲାହାଣ୍ଡି- ନିର୍ବାଚନ୍ କଲାହାଣ୍ଡି/ ନୂଆପଡ଼ା ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଆଏବା ୧୩ ତାରିଖ୍ ଦିନ ଭୋଟ୍ ହେବା । ହେଥି କଲାହାଣ୍ଡି ଲୋକ୍‌ସଭା ଆସନ୍ ଆର୍ ହେତାର୍ ଅଧିନ୍‌ଥି ଥିବା ଜିଲ୍ଲାର୍ ଭବାନୀପାଟ୍‌ନା, ଧର୍ମଗଡ଼୍, ଲାଞ୍ଜିଗଡ଼୍, ନର୍ଲା ଆର୍ ଜୁନାଗଡ଼୍ ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ନିଆଯିବା । ଜିଲ୍ଲା ନ ମୋଟ୍ ୧ ହଜାର୍ ୪ ଶହ ୧୨ ଟା ବୁଥ୍ କରାଯାଇଥିବାର୍ ବେଲେ ସେଥୁ ଶହେ ୪୦ ଟା ସମ୍ବେଦନ୍‌ଶୀଲ୍ ବୁଥ୍ ରହିଛେ । ସମ୍ବେଦନ୍‌ଶୀଲ୍ ବୁଥ୍ ମାନ୍‌କର୍ ଭିତ୍‌ରୁ ଶହେ ୩୫ ଟା ମାଓପ୍ରବଣ୍ ଭାବେ ଚିହ୍ନଟ୍ କରାଯାଇଛେ । ସମ୍ବେଦନ୍‌ଶୀଲ୍ ବୁଥ୍ ମାନ୍‌କୁ ସିସିଟିଭି ଆର୍ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛେ ।

ଭୋଟ୍ କର୍‌ବାର୍‌ଥି କର୍ମଚାରୀମାନେ ଆଏଜ୍‌ଠାନୁ ନିଜର୍ ନିଜର୍ ବୁଥ୍‌କେ ବାହାରିଛନ୍ ।
ସେନ୍ତା ନୂଆପଡ଼ା ଜିଲ୍ଲା ନ ଭିଲ୍ କଲାହାଣ୍ଡି ଲୋକ୍‌ସଭା ଆସନ୍ ଆର୍ ଜିଲ୍ଲାର୍ ଦୁହି ବିଧାନ୍‌ସଭା ଆସନ୍ ନୂଆପଡ଼ା ଆର୍ ଖଡ଼ିଆଲ୍ ନ ଭୋଟ୍ କର୍‌ବାର୍‌କେ କର୍ମଚାରୀମାନେ ଇଭିଏମ୍, ଭିଭିପାଟ୍ ଆଉ ବାକି ନିର୍ବାଚନ୍ ସାମାନ୍ ଧରିକରି ବୁଥ୍ ମାନ୍‌କୁ ବାହାରିଛନ୍ । ଜିଲ୍ଲା ନ ମୋଟ୍ ୬ ଶହ ୪ ଟା ବୁଥ୍ କରାଯାଇଛେ ।

ସେକ୍ଟର୍ ଅଧିକାରୀ ତାଲିମ୍ କାର୍ଯ୍ୟକ୍ରମ    ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ନିର୍ବାଚନ୍‌ର ଠିକ୍ ପରିଚାଳନା ଲାଗି ସେକ୍ଟର୍ ଅଧିକାରୀମାନ୍‌କର୍ ତାଲିମ୍ କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ନିର୍ବାଚନ୍ ଆୟୋଗ୍ ନିଯୁକ୍ତ କରିଥିବା ସାଧାରଣ ପର୍ଯ୍ୟବେକ୍ଷକ୍ ରାଜନ୍ ଭିଶାଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ୭୦ ଝନ୍ ସେକ୍ଟର୍ ଅଧିକାରୀ ଭାଗ୍ ନେଇଥିଲେ । ନିର୍ବାଚନ୍ ପରିଚାଳନାଥି ବିଧି ବ୍ୟବସ୍ଥା ଅନ୍‌ସାରେ ନିରପେକ୍ଷ ଭାବେ ସେମାନ୍‌କର୍ କାମ୍ କର୍‌ବାର୍‌କେ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଭିଶାଲ୍ ପରାମର୍ଶ ଦେଇଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଏଜର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀ ବର୍ଷା ଥିତି ରହିଥିବାର୍ ବେଲେ ହେତାର୍ ପ୍ରଭାବ୍‌ଥି ତାତି ଟିକେ କମିଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ନୂଆପଡ଼ା ନ ୪୩ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ଦିନର୍ ସବୁନୁ ଜହ ତାତି ପଶ୍ଚିମ ଓଡ଼ିଶାର୍ ଝାରସୁଗୁଡ଼ା ନ ୪୧ ଦଶ୍‌ମିକ୍ ୫, ସମ୍ବଲ୍‌ପୁର୍ ଆର୍ ବୌଦ୍ଧ ନ ୪୧ ଦଶ୍‌ମିକ୍ ୨, ବଲାଙ୍ଗିର୍ ଆର୍ ସୁନ୍ଦର୍‌ଗଡ଼୍ ନ ୪୦ ଦଶ୍‌ମିକ୍ ୫, ଭବାନୀପାଟ୍‌ନା ନ ୪୦ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା କାଏଲ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ଆର୍ ବୌଦ୍ଧ ସହେତେ ରାଜ୍ୟର୍ କେତେ ଜାଗା ନ କାଲ୍‌ବୈଶାଖୀ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁ ଅନୁମାନ୍ କରାଯାଇଛେ ।